ପାଠ-୨୬

# ତଣ୍ଟିରେ ଲାଗିଛି କଣ୍ଟା



ଗଧିଆ ତଣ୍ଟିରେ
ଲାଗିଛି କଣ୍ଟା,
ବିଚରା ସଳଖି
ପାରୁନି ଅଣ୍ଟା ।
ବଗ ବଇଦ ତା'
ଥଣ୍ଟ ପୂରାଇ,
ତଣ୍ଟିରୁ କଣ୍ଟାକୁ
ଦେଲା ହଟାଇ ।



ସାଙ୍ଗ ହୋଇ ଦୁହେଁ
ହାଟକୁ ଗଲେ,
କଣ୍ଠ ସଫାକରି
ଗୀତ ଗାଇଲେ ।
ବାଉଁଶ ଦେଖିଲେ
ଗଣ୍ଡି ଗଣ୍ଡିଆ,
ବିକା ହେଉଥିଲା
ସେଉ ଗାଣ୍ଡିଆ ।

# ଅଭ୍ୟାସ

୧. କ) ଶୁଆର ଥଣ୍ଟରେ ଯେଉଁ ଅକ୍ଷର ଅଛି ତଳେ ଥିବା ଶବ୍ଦମାନଙ୍କରେ ସେହି ଅକ୍ଷରକୁ ଗୋଲ୍ ବୁଲାଇବା ।




କଣ୍ଟା ବେଣ୍ଟ ମେଣ୍ଟ

ଅଣ୍ଟି ଘାଣ୍ଟ ଥଣ୍ଟ

ଘଣ୍ଟିକା କଣ୍ଟିଆ କଣ୍ଟେଇ

ଖ) ତଳେ ଥିବା ଶବ୍ଦରେ 'ଣ୍ଡ' ଯେଉଁଠି ଅଛି, ତା'ତଳେ ଗାର ଦେବା ।

କଣ୍ଡ ଲଣ୍ଡନ ଆଣ୍ଠୁ

ଗାଣ୍ଡିଆ ଗଣ୍ଡି ପାଣ୍ଡି

୨. କ) ଗୀତଟିକୁ ଭଲଭାବେ ପଢ଼ିବା । ଗୀତରେ ଯେଉଁଠି 'ଣ୍ଟ' ଲାଗିଛି, ସେହି ଶବ୍ଦଗୁଡ଼ିକୁ ଲେଖିବା ।

ଯେପରି–

ତଣ୍ଟି ..............................

ଖ) ଗୀତଟିକୁ ପଢ଼ିବା ଓ ଯେଉଁଠି 'ଣ୍ଟ' ଲାଗିଛି ସେହି ଶବ୍ଦଗୁଡ଼ିକୁ ତଳେ ଲେଖିବା । ଯେପରି–

କଣ୍ଟ

୩. ଖାଲି ଜାଗା ପୂରଣ କରି ବାକ୍ୟଗୁଡ଼ିକୁ ପଢ଼ିବା ।

ଗଧିଆ________ରେ କଣ୍ଟା ଲାଗିଲା ।

ସେ________ସଳଖି ପାରୁ ନ ଥିଲା ।

ଗଧିଆ ଓ ବଗ ________ ସଫାକରି ଗୀତ ଗାଇଲେ ।

ସେଉ________ବିକା ହେଉଥିଲା ।

୪. (କ) ଆସ ସାଙ୍ଗ ହୋଇ ଗାଇବା ।

ଘଣ୍ଟା ଚାଲେ ଟିକ୍‌ଟିକ୍,
କାମ କର ଠିକ୍ ଠିକ୍ ।

(ଖ) ଆସ ତଳ ଶବ୍ଦଗୁଡ଼ିକ ପଢ଼ିବା ।

ଆଣ୍ଠୁ, ଯଅ, ଐରାବତ, ଐତିହାସିକ, ଯବାନ, ଗଣ୍ଡିଲି

(ଗ) କଣ୍ଟାକୁ ମଧ୍ୟ କଂଟା ଲେଖାଯାଏ । ସେହିପରି ଆଣ୍ଠୁକୁ ଆଂଠୁ ଲେଖାଯାଏ । ତୁମେ ଘଣ୍ଟା, ଲଣ୍ଡନ, କଣ୍ଠ, ଥଣ୍ଟକୁ ସେହିପରି ଲେଖ ।

୫. ପଢ଼ିବା, 'ଐ' ଉଚ୍ଚାରଣ ହେଉଥିବା ଶବ୍ଦ ତଳେ ଗାର ଦେବା ।

ଜାତୀୟ ପତାକା ଆକାଶେ ଉଡ଼େ,
ଦେଶ ଲାଗି ବୀର ସୈନିକ ଲଢ଼େ ।
ଦେଶ ସେବା କରି ଆମେ ଦୈନିକ,
ହେବୁ ଏ ଦେଶର ବୀର ସୈନିକ ।

୬. ଚାଷ କାମ ପାଇଁ କି କି ଜିନିଷ ଦରକାର ତାକୁ ଚିହ୍ନିବା ଓ ଗାର ଟାଣି ଚାଷ କାମ ଚିତ୍ର ସହିତ ଯୋଡ଼ିବା ।






| ସଂଖ୍ୟା | ସବୁଠାରୁ ସାନ | ସବୁଠାରୁ ବଡ଼ |
|---|---|---|
| ୧, ୨, ୩, ୪, ୭, ୯ | ୧ | ୯ |
| ୧୦,୨୦,୭୦,୪୦ | | |
| ୪୭, ୪୯, ୪୧, ୩୫ | | |
| ୯୯, ୭୭, ୬୬,୪୪ | | |
| ୮୦,୯୦,୬୦,୫୦ | | |

## ୯. ତଳେ ଥିବା ସଂଖ୍ୟାଗୁଡ଼ିକୁ ସାନରୁ ବଡ଼କ୍ରମରେ ସଜାଇବା ।

କ) ୩, ୧, ୧୦, ୯, ୧୮,

୧୭, ୧୫, ୪୦, ୫୫, ୬୦

ଖ) ଆଉ ଥରେ ଉପର ସଂଖ୍ୟାଗୁଡ଼ିକୁ ବଡ଼ରୁ ସାନକ୍ରମରେ ଲେଖିବା ।

## ୧୦. ଆସ, ଅଭିନୟ କରି ଗାଇବା ।



ଘୋ ଘୋ ରାଣୀ

ଆଣ୍ଠେ ଆଣ୍ଠେ ପାଣି

ଘୋ ଘୋ ରାଣୀ

ଅଣ୍ଟେ ଅଣ୍ଟେ ପାଣି ।



# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ପାଠରେ ଥିବା ଗୀତଟି ୨/୩ ଥର ଚିତ୍ର ସହ ପଢ଼ା ହେବ।
- ଅନ୍ୟ ଗୀତର ଉପସ୍ଥାପନା ପରି ଏହି ଗୀତଟି ମଧ ପଢ଼ାଯିବ। ଷ୍ଟ, ଣ୍ଠ, ପଠନ, ଲିଖନ, 'ଐ' ଓ 'ୖ' କାରର ପଠନ ଓ ଲିଖନ କରାଯିବ।
- ଅଭ୍ୟାସ ୧, ୨ ପରି ଅଧିକ ଅଭ୍ୟାସ ଓ ଲିଖନ କାର୍ଯ୍ୟ କରାଯିବା ଆବଶ୍ୟକ।
- ଅଭ୍ୟାସ ୬ ପରି କୃଷିକାର୍ଯ୍ୟ ସହ ସମ୍ପର୍କ ଥିବା ଅନ୍ୟାନ୍ୟ ଉପକରଣ ସଂପର୍କରେ ମଧ ଆଲୋଚନା କରାଯିବ।
- ଅଭ୍ୟାସ ୭, ୮, ୯ ପରି ଅଧିକ ଅଭ୍ୟାସ କାର୍ଯ୍ୟ ଦିଆଯିବା ଆବଶ୍ୟକ।
- ଅଭ୍ୟାସ ୧୦ ଗୀତଟିକୁ ଅଭିନୟ କରି ବୋଲିବା ବେଳେ ପିଲାମାନଙ୍କୁ ଶରୀରର ବିଭିନ୍ନ ଅଂଶ ଦେଖାଇବେ। ଯେପରି - ପେଟେ ପେଟେ ପାଣି... ।
- ୨୫ ପିରିଅଡ଼ର ଏହି ପାଠରୁ ଶିକ୍ଷାର୍ଥୀଙ୍କ ଷ୍ଟ, ଣ୍ଠ ଚିହ୍ନଟ କରିବା, ଞ୍ଚ, ଷ୍ଟ, ଣ୍ଠ ଥିବା ଶବ୍ଦଗୁଡ଼ିକୁ ପଢ଼ିବା, ଚିତ୍ର ଗଣି ଲେଖିବା, ଦତ୍ତ ସଂଖ୍ୟାମାନଙ୍କ ମଧ୍ୟରୁ ସବୁଠାରୁ ବଡ଼ ଓ ସବୁଠାରୁ ସାନ ସଂଖ୍ୟା (୯୯ ମଧ୍ୟରେ) ନିର୍ଣ୍ଣୟ କରିବା, କୃଷିକାର୍ଯ୍ୟ ସମ୍ପର୍କରେ ଜାଣିବା ଓ ବିଭିନ୍ନ କୃଷିଯନ୍ତ୍ରପାତି ସମ୍ପର୍କରେ ଅବଗତ ହେବା ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ।